## ସଂକ୍ଷେପରେ

### ବଜ୍ରପାତରେ ମହିଳା ଗୁରୁତର

**ଦଶମନ୍ତପୁର,୨୮।୯(ଡି.ଏନ୍.ଏ):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅଧୀନ ମୁର୍କାର ପଞ୍ଚାୟତର ଛେଣ୍ଡିଗୁଡ଼ା ଗ୍ରାମରେ ବଜ୍ରପାତରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ହେଉଛନ୍ତି ଚୈତନ୍ୟ ଗଉଡ଼ଙ୍କ ସ୍ତ୍ରୀ ଖୋଡି ଗଉଡ଼। ଦମ୍ପତି ନିଜ କୋଲଥ ଚାଷ କ୍ଷେତରେ କାମ କରୁଥିବା ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ଖୋଡି ଗୁରୁତର ହୋଇଛନ୍ତି। ଗାଁ ଲୋକ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ।

### ପ୍ରବଳ ବର୍ଷା: ଅପରାହ୍ନରୁ ବିଦ୍ୟୁତ୍ ସେବା ବ୍ୟାହତ

**କୋରାପୁଟ,୨୮।୯(ସ୍ୱ.ପ୍ର.):** କୋରାପୁଟ ସହରରେ ଶୁକ୍ରବାର ଅପରାହ୍ନ ୫ଟାରୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାରୁ ସୁନାବେଡ଼ାସ୍ଥିତ ଗ୍ରୀଡ୍‌କୋ ୩୩ କେଭି ବିଦ୍ୟୁତରେ ବିଭ୍ରାଟ ଦେଖାଦେଇଛି। ଏଥିପାଇଁ କୋରାପୁଟ ସହର ସମେତ ସୁନାବେଡ଼ା, ପୋଡ଼ାଗଡ଼ ତଥା ଆଖପାଖ ଅଞ୍ଚଳ ଅନ୍ଧକାର ହୋଇଛି। ଅପରାହ୍ନରୁ ୫ ଘଣ୍ଟା ବିତିଯାଇଥିଲେ ମଧ ଗ୍ରୀଡ୍ ମରାମତି ହୋଇପାରି ନଥିବାରୁ ସହର ଅନ୍ଧକାର ରହିଛି। ବିଦ୍ୟୁତ ସେବା ବ୍ୟାହତ ହେବା ଯୋଗୁଁ ମୋବାଇଲ ଓ ଇଣ୍ଟରନେଟ ସେବା ଠପ୍ ହୋଇଛି । ବିଭାଗୀୟ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଜାରି ରଖିଥିଲେ ହେଁ ଏଯାବତ୍ ବିଦ୍ୟୁତ ସେବା ସ୍ୱାଭାବିକ ହୋଇନାହିଁ।

### 'ବିକାଶ ବନାମ ପରିବେଶ' ଆଲୋଚନାଚକ୍ର



**କୋରାପୁଟ/ସେମିଳିଗୁଡ଼ା,୨୮।୯(ସ୍ୱ.ପ୍ର.):** ସେମିଳିଗୁଡ଼ା ମହାବିଦ୍ୟାଳୟ ଏବଂ ସ୍ୱଦେଶୀ ଜାଗରଣ ମଞ୍ଚ ସହଭାଗିତାରେ ଶୁକ୍ରବାର 'ବିକାଶ ବନାମ ପରିବେଶ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ ସଂଘର୍ଷ ବାହିନୀ ପ୍ରମୁଖ ଇଂଜିନିୟର ଅନ୍ନଦା ଶଙ୍କର ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆମ ପାଇଁ ବିକାଶ ଜରୁରୀ । କିନ୍ତୁ ଏହା ନାମରେ ଭିତ୍ତିଭୂମି ଓ କଳକାରଖାନା ପାଇଁ ଜଙ୍ଗଲ ନଷ୍ଟ କରିବା, ନଦୀ ଜଳ ପ୍ରଦୂଷିତ କରିବା ଆଗାମୀ ପିଢ଼ି ପାଇଁ ଭୟାବହ ହୋଇପାରେ। ପରିବେଶର ସୁରକ୍ଷା ପ୍ରତି ଧ୍ୟାନ ନଦେଲେ ସମଗ୍ର ମଣିଷ ସମାଜ ତଥା ଜୀବଜନ୍ତୁ ଧ୍ୱଂସ ପାଇଯିବେ। ଅଧାପକ ଡ. ଚିତ୍ତରଞ୍ଜନ ମିଶ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ସ୍ୱଦେଶୀ ଜାଗରଣ ମଂଚର ଜିଲା ସଂଯୋଜକ ମନୋରଞ୍ଜନ ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ । ଅଧାପିକା ଝାନସୀ ସିଂ ସ୍ୱାଗତ ଭାଷଣ ଓ ଅଧାପିକା ଡ. ଗୀତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଆଇନ ସଚେତନତା ଶିବିର

**ଜୟପୁର,୨୮।୯(ଡି.ଏନ୍.ଏ.):** ଜୟପୁରସ୍ଥିତ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ରୟାଲ ଜୁନିୟର କଲେଜରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଏସିଡ୍ ଆକ୍ରମଣ ଏବଂ ଲିଙ୍ଗ ନିରୂପଣ ପାଇଁ ଆଇନରେ ରହିଥିବା ବିଭିନ୍ନ ଦଣ୍ଡ ବିଧାନ ନେଇ ଆଲୋଚନା କରାଯାଇଥିଲା । ଦେଶରେ ଏସିଡ୍ ଆକ୍ରମଣ ବୃଦ୍ଧି ପାଉଥିବା ଯୋଗୁଁ ଏନେଇ ସୁପ୍ରିମକୋର୍ଟ ଧର୍ତ୍ତବ୍ୟ ଅପରାଧ ଭାବେ ବିବେଚନା କରିବା ସହ ଏନେଇ ଦଣ୍ଡବିଧାନ ପାଇଁ ସର୍ବନିମ୍ନ ୮ବର୍ଷ ଦଣ୍ଡବିଧାନ ରହିଛି । ସେହିପରି ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଲିଙ୍ଗ ନିରୂପଣ ଏକ ଅପରାଧ ହୋଇଥିବା ଯୋଗୁଁ ଏନେଇ ଆଇନରେ କଡ଼ା ବ୍ୟବସ୍ଥା ରହିଛି ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ । ଏଥିରେ ଭିଜିଲାନ୍ସ ଜଜ୍ ସୋମଶେଖର ଜେନା, ପରିବାର ଅଦାଲତ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ରେଜିଷ୍ଟ୍ରାର ହିଂମାଶୁ ଶେଖର ବିଶ୍ୱାଳ, ପ୍ରାଧିକରଣ ସଚିବ ଲଳିତ ମଞ୍ଜରୀ ପଟ୍ଟନାୟକ, ସିଜେଏମ ଲୋପାମୁଦ୍ରା ପଣ୍ଡା, ୨ୟ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ ପ୍ରଭାତ ସାମଲ, ସୌମ୍ୟରଞ୍ଜନ ପୃଷ୍ଟି, ପ୍ରୋବେସନ ମାଜିଷ୍ଟ୍ରେଟ ଭାନୁପ୍ରତାପ ମିଶ୍ର, ସୁନିତା ମିଶ୍ର, ରୟାଲ ଜୁନିୟର କଲେଜର ନିର୍ଦ୍ଦେଶକ ସନ୍ତୋଷ ମାଦଳା, କାର୍ଯ୍ୟକାରୀ ନିର୍ଦ୍ଦେଶକ ତାରିଣୀ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

# ହାଇକୋର୍ଟ ବେଞ୍ଚ ଦାବି ଜୋର ଧରିଲା

**ଜୟପୁର,୨୮।୯(ନି.ପ୍ର.)**



ଆଇନଜୀବୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ।

କୋରାପୁଟ ଜିଲା ଜୟପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିନେଇ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଆସିଥିବାବେଳେ ଶୁକ୍ରବାରଠାରୁ ଏହି ଦାବି ଚୋର ଧରିଛି। ଆଇନଜୀବୀମାନେ ଜିଲା କୋର୍ଟ ପରିସରରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏଥିରେ ଉଲ୍ଲେଖ ହୋଇଛି ଯେ, ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଛି । ଏ ନେଇ ରାଜ୍ୟ ସରକାର ପାଲ କମିଶନ ଗଠନ କରିଥିଲେ । ଯଶୱନ୍ତ ସିଂ ରିପୋର୍ଟ ଅନୁଯାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଜୟପୁର ସବୁ ସର୍ତ୍ତ ପୂରଣ କରୁଛି। ଏଠାରେ ଆବଶ୍ୟକ ଭିତ୍ତିଭୂମି ରହିଛି।

- ଜିଲା କୋର୍ଟରୁ ବାହାରିଲା ବାଇକ୍ ଶୋଭାଯାତ୍ରା
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ତେଣୁ ଏଥିଲାଗି ରାଜ୍ୟ ସରକାର କେନ୍ଦ୍ରକୁ ସୁପାରିଶ କରିବାକୁ ଦାବି ହୋଇଛି। ସଂଘ ସଭାପତି ବୀରେଶ ପଟ୍ଟନାୟକଙ୍କ ନେତୃତ୍ୱରେ ରବିନ୍ଦ୍ର ପାତ୍ର, ପ୍ରଭାକର ପଟ୍ଟନାୟକ, ଦିବାକର ଗୌଡ, କେ.ଦିବାକର ରାଓ, ଆନନ୍ଦ ରଥ, ଚନ୍ଦନ କୁମାର ପଟ୍ଟନାୟକ, ହରିଶ ମୁଦୁଲି, ଗିରିଧର ଖରା, ସରୋଜ ଦାସ, ମୁନା ସିଂ ଲାଲା ପ୍ରମୁଖ ବିଶାଳ ଶୋଭାଯାତ୍ରା ବାହାରି ଏହି ଦାବି ରଖିଛନ୍ତି। ଜୟପୁର ସହର ହାଇକୋର୍ଟଠାରୁ ୬ଶହ କି.ମି ଦୂର ହୋଇଥିବାବେଳେ ବିଶେଷ ବସ୍ ଓ ଟ୍ରେନ୍ ସୁବିଧା ନାହିଁ। ଫଳରେ ଜିଲାବାସୀ ହାଇକୋର୍ଟକୁ ଯିବାନେଇ ଅସୁବିଧା ଭୋଗୁଛନ୍ତି। ଓଡିଶାର ଯେଉଁସବୁ ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ହୋଇଆସୁଛି ସେଗୁଡିକ କଟକଠାରୁ ଜୟପୁର ଅପେକ୍ଷା ନିକଟରେ ଅଛନ୍ତି । ତେଣୁ ରାଜ୍ୟ ସରକାର ଏହି ମାଓବାଦୀପ୍ରବଣ, ଗମନାଗମନ କ୍ଷେତ୍ରରେ ଅବହେଳିତ ଓ ସାକ୍ଷରତା ଦୃଷ୍ଟିରୁ ପଛରେ ପଡ଼ିଥିବା ଅଞ୍ଚଳକୁ ପ୍ରାଧାନ୍ୟ ଦେଇ ଜୟପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ଦାବି ହୋଇଛି।

▪ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ଚିହ୍ନଟ ହେଲେ ଶତାଧିକ ହିତାଧିକାରୀ

**କୋରାପୁଟ,୨୮।୯(ସ୍ୱ.ପ୍ର.)**

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ କୋରାପୁଟ ପଞ୍ଚାୟତ ସମିତି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ପୋଲିସ ପ୍ରାଥମିକ ବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଛି । ଏଥିରେ ବିଡିଓ ନରେନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଶିବିରର ଶୁଭାରମ୍ଭ କରି କହିଥିଲେ ଯେ, ଏହାଦ୍ୱାରା ବ୍ଲକ ଅଞ୍ଚଳରେ ରହିଥିବା ବହୁ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ସରକାରୀ ସୁବିଧା ଦିଆଯାଇ ପାରିବ। ଶିବିରରେ କୋରାପୁଟ ବ୍ଲକର ୧୪ଟି ପଞ୍ଚାୟତରୁ ଶତାଧିକ ବ୍ୟକ୍ତି ଯୋଗଦେଇ ନିଜର ଚକ୍ଷୁ, ଗୋଡ଼, କାନ, ହାତ ସମେତ ବିଭିନ୍ନ ପରୀକ୍ଷା କରାଇ ଭିନ୍ନକ୍ଷମ ପ୍ରମାଣପତ୍ର ନେଇଥିଲେ । ପୋଲିସ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରସିଂହ ଦାସ ଶିବିର ପରିଚାଳନା କରିଥିଲେ। ସ୍ଥାନୀୟ ମେଡିକାଲର ଡାକ୍ତର ଓ କୋରାପୁଟ ବ୍ଲକର ବହୁ ଅଧିକାରୀ ଏହାର ପରିଚାଳନାରେ ସହଯୋଗ କରିଥିଲେ ।


ସାମର୍ଥ୍ୟ ଶିବିରରେ ଅତିଥିମାନେ ।

▪ ସିଡିଏମ୍‌ଓଙ୍କୁ ଦାବିପତ୍ର ଦେଲେ ମହିଳା ସ୍ୱାସ୍ଥ୍ୟକର୍ମୀ

# ସ୍ଥାୟୀ ନିଯୁକ୍ତି, ସରକାରୀ ସୁବିଧା ଦାବି

**କୋରାପୁଟ,୨୮।୯(ସ୍ୱ.ପ୍ର.)**

କୋରାପୁଟ ଜିଲା ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲଳିତ ମୋହନ ରଥଙ୍କୁ ଏକ ଦାବିପତ୍ର ଦେଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଚୁକ୍ତିଭିତ୍ତିକ ଚାକିରି କରିଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ କରିବା, ପେନସନ ପ୍ରଦାନ ସହ ସରକାରୀ ଚାକିରିର ସମସ୍ତ ସୁବିଧା ଦେବା, ସମାନ କାମକୁ ସମାନ ଦରମା ଓ ଘରଭଡ଼ା ମଧ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବି ନେଇ ଜିଲା ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ସଭାପତି କଳ୍ପନା ସୁନାଙ୍କ ନେତୃତ୍ୱରେ ଉପସଭାପତି କାକଳି ମଜୁମଦାର, ସଂପାଦକ ସବିତା ସ୍ୱାଇଁ, ଯୁଗ୍ମ ସଂପାଦକ ଜ୍ୟୋତ୍ସ୍ନା ମହାନ୍ତି, କୋଷାଧ୍ୟକ୍ଷ ବିଜୟଲକ୍ଷ୍ମୀ ବେହେରା, ବବିତା ତୁରକ, କାର୍ଯ୍ୟକାରୀ ସଦସ୍ୟା ରଶ୍ମିପ୍ରଭା ସାହୁ, ଟି.ଆର୍. ଲକ୍ଷ୍ମୀ, ରିନା ଚିନାରି, ସୁନିତା ପଟ୍ଟନାୟକ, ନମିତା ସାହୁ, ପ୍ରତିମା ପାଢ଼ୀ, କବିତା ନାଥ, ଦିପ୍ତିପ୍ରଭା ପଟ୍ଟନାୟକ, ଚିନ୍ମୟୀ ପଟ୍ଟନାୟକ, ରେହେନା ବେଗମ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଧାରଣା ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନ କୋରାପୁଟ ଜିଲାରେ ବର୍ତ୍ତମାନ ୧୧୨ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଚୁକ୍ତିଭିତ୍ତିକ ନିଯୁକ୍ତିରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୭୭ ଜଣ ୧୩ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ମାସକୁ ମାତ୍ର ୮ ହଜାର ଟଙ୍କା ସରକାରୀ ଯୋଜନା ତୁଲାଇ ଆସୁଛନ୍ତି।


ସିଡିଏମ୍‌ଓଙ୍କୁ ଦାବିପତ୍ର ଦେଉଛନ୍ତି ମହିଳା ସ୍ୱାସ୍ଥ୍ୟକର୍ମୀ ।

## ୭ ଦଫା ଦାବିନେଇ ଔଷଧ ବ୍ୟବସାୟୀଙ୍କ ଧାରଣା

**ରାୟଗଡା ଅଫିସ୍, ୨୮।୯:**

୭ଦଫା ଦାବିନେଇ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍‌ର ନିର୍ଦ୍ଦେଶକ୍ରମେ ରାୟଗଡା ଜିଲା ଔଷଧ ବ୍ୟବସାୟୀ ପ୍ରତିଷ୍ଠାନ ସଂଘ ପକ୍ଷରୁ ସମସ୍ତ ଔଷଧ ବ୍ୟବସାୟୀ ଶୁକ୍ରବାର ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ । ଏଥିରେ ସଂଘ ସଭାପତି ଭି.ଚନ୍ଦ୍ରଶେଖର ରାଓ, ସମ୍ପାଦକ ଟି.ସୋବନ ବାବୁ ନେତୃତ୍ୱ ନେଇଥିଲେ। ସମାଜ ପାଇଁ କ୍ଷତିକାରକ ଅନ୍‌ଲାଇନ୍ ଔଷଧ ବ୍ୟବସାୟକୁ ବିରୋଧ, ରୋଗୀଙ୍କୁ ଆବଶ୍ୟକ ଜରୁରୀ ଚିକିତ୍ସା ଓ ଔଷଧ ଯୋଗାଣର ସୁବିଧା, ଔଷଧର ସୁଷମ ବଣ୍ଟନ ଓ ଅଭାବକୁ ନିୟନ୍ତ୍ରଣ କରିବା, ଔଷଧ ବିକ୍ରୟ ଉପରେ ଅଯୌକ୍ତିକ ପ୍ରତିଯୋଗିତାକୁ ବିରୋଧ, ଖୁଚୁରା ଔଷଧ ବ୍ୟବସାୟୀଙ୍କ ଜୀବନ ଜୀବିକାର ସୁରକ୍ଷା, ଯୁବ ସମାଜକୁ ନିଶା ଔଷଧ କବଳରୁ ବଞ୍ଚାଇ ରଖିବା ଆଦି ଦାବି କରାଯାଇଛି । ରାୟଗଡା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀମାନେ ଯୋଗ ଦେଇଥିଲେ ।

▪ ଯୁବରାଜପେଟା ପ୍ରାଥମିକ ବିଦ୍ୟାଳୟ

# ପାଳିରେ ଚାଲିଛି ପାଠପଢ଼ା

**ସେମିଳିଗୁଡ଼ା,୨୮।୯(ସ୍ୱ.ପ୍ର.)**

- ମଧାହ୍ନଭୋଜନ ନିମ୍ନମାନର ଅଭିଯୋଗ
- ନୂତନ କୋଠାରେ ଝୁଲୁଛି ତାଲା

ସେମିଳିଗୁଡ଼ା ବ୍ଲକ୍ ସାଡ଼ାମ ଗ୍ରାମପଞ୍ଚାୟତ ଯୁବରାଜପେଟା ଗ୍ରାମସ୍ଥ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀଯାଏ ରହିଛି। ୨୫ ଜଣ ପିଲା ନାମ ଲେଖାଇଛନ୍ତି। କିନ୍ତୁ ଦୈନିକ ବିଦ୍ୟାଳୟକୁ ୧୦ରୁ ୧୨ ଜଣ ପିଲା ଆସୁଛନ୍ତି। ଶିକ୍ଷାଦନ ପାଇଁ ୨ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ହେଲେ ଶିକ୍ଷକମାନେ ନିୟମିତ ବିଦ୍ୟାଳୟ ଆସୁ ନାହାନ୍ତି। ଏପରି କି ସେମାନେ ପାଳିକରି ବିଦ୍ୟାଳୟକୁ ଆସୁଥିବା ଅଭିଯୋଗ ହୋଇଛି। ଏହାସହିତ ବିଦ୍ୟାଳୟରେ ମଧାହ୍ନଭୋଜନରେ ନିମ୍ନମାନର ଖାଦ୍ୟ ପିଲାଙ୍କୁ ଖାଇବାକୁ ଦିଆଯାଉଥିବା ଜଣାପଡ଼ିଛି। ଏଠାରେ ନବନିର୍ମିତ କୋଠାରେ ତାଲା ପଡ଼ିଛି। କିନ୍ତୁ ପୁରୁଣା କୋଠାରେ ପିଲାଙ୍କୁ ପାଠ ପଢ଼ାଯାଉଛି। ଏଥିପାଇଁ ପିଲାମାନେ ଭୟଭୀତ ଥିବା କହିଛନ୍ତି। କେତେବେଳେ ଯେ, ଶ୍ରେଣୀଗୃହ ଛାତ ଖସି ପଡ଼ିବ ସେଥିପାଇଁ ଆଶଙ୍କାରେ ପିଲାମାନେ ରହୁଛନ୍ତି। ଏନେଇ ପ୍ରଧାନଶିକ୍ଷକ ପ୍ରସନ୍ନ ବେହେରାଙ୍କୁ ପଚରାଯିବାରୁ ସେ କହିଛନ୍ତି, ନାମଲେଖାଇଥିବା ୨୫ ଜଣ ପିଲାଙ୍କ ମଧ୍ୟରୁ ୧୦/୧୨ ବିଦ୍ୟାଳୟକୁ ଆସୁଛନ୍ତି। ଏଥିପାଇଁ ଆମେ କ'ଣ କରିବୁ ବୋଲି କହି ଅସହାୟତା ପ୍ରକାଶ କରିଛନ୍ତି। ଶିକ୍ଷକମାନେ ବିଦ୍ୟାଳୟକୁ କେବେ ଆସୁଛନ୍ତି ତ କେବେ ନାହିଁ । ମଧାହ୍ନଭୋଜନ ଖାଇବାକୁ ଦେବା ପରେ ବିଦ୍ୟାଳୟରେ ତାଲା ପକାଇ ପଳେଇ ଯାଉଛନ୍ତି। ଏ ଅଞ୍ଚଳକୁ ଜିଲା ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କ ପାଦ ପଡୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି।


ଯୁବରାଜପେଟା ପ୍ରାଥମିକ ବିଦ୍ୟାଳୟ।

# ଅଖିଳ ଭାରତ ଯୁବ ଛାତ୍ର ସଂଘର ଶୋଭାଯାତ୍ରା



ଅଖିଳ ଭାରତ ଯୁବ ଛାତ୍ର ସଂଘ ପକ୍ଷରୁ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରା ।

**ଜୟପୁର,୨୮।୯(ନି.ପ୍ର.)**

ଅଖିଳ ଭାରତ ଯୁବ-ଛାତ୍ର ସଂଘ ଶୁକ୍ରବାର ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଛି। ସମସ୍ତଙ୍କ ପାଇଁ ସମାନ ଶିକ୍ଷା ଓ ନିଯୁକ୍ତି ଗ୍ୟାରେଣ୍ଟି ଦାବିରେ ଯୁବ-ଛାତ୍ର ସଂଘ ରାଜ୍ୟବ୍ୟାପୀ ବିକ୍ଷୋଭ ପାଇଁ ଡାକରା ଦେଇଥିଲା। ଏହି କ୍ରମରେ ଜିଲା ସିପିଆଇ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ଶ୍ରମିକ ଭବନରୁ ବାହାରି ଟ୍ରାଫିକ ଛକ ପର୍ଯ୍ୟନ୍ତ ଯାଇଥିଲା। ୧୦ ଦଫା ଦାବି ନେଇ ଏହି ବିକ୍ଷୋଭ କରାଯାଇଥିବା ବେଳେ ଭଗତ ସିଂ ନିଶ୍ଚିତ କର୍ମନିଯୁକ୍ତି ଆଇନ ପ୍ରଣୟନ, ସମସ୍ତଙ୍କ ପାଇଁ ସମାନ, ମାଗଣା ଓ ବିଜ୍ଞାନ ସମ୍ମତ ଶିକ୍ଷା, ନିର୍ବାଚନ ସଂସ୍କାର, ସମ୍ବିଧାନ ଓ ଧର୍ମନିରପେକ୍ଷତାର ସୁରକ୍ଷା, ରାଜ୍ୟର ସମସ୍ତ ସରକାରୀ/ବେସରକାରୀ ଅନୁଷ୍ଠାନରେ ଖାଲି ଥିବା ପଦବୀ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ, ତୈଳଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ଭଳି ଦାବି ରହିଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି ଉପସ୍ଥିତ ଥିଲେ।

# ସ୍ୱାମୀ ଜୀବନମୁକ୍ତାନନ୍ଦଙ୍କୁ ସମ୍ବର୍ଦ୍ଧନା

**ବୋରିଗୁମ୍ମା,୨୮।୯(ଡି.ଏନ୍.ଏ.)**

ବୋରିଗୁମ୍ମାଠାରେ ସନ୍ଥ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରିଜୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଥମେ ଜଗନ୍ନାଥ ମନ୍ଦିର ଓ ସନ୍ଧ୍ୟାରେ ନିରଞ୍ଜନ ବିହାର ଆଶ୍ରମରେ ଆୟୋଜିତ ସତସଙ୍ଗରେ ତାଙ୍କ ଉପସ୍ଥିତି ଯୋଗୁ ଭିଡ଼ ଜମିଥିଲା। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପଟ୍ଟଶିଷ୍ୟ ଭାବେ ପରିଚିତ ସ୍ୱାମୀ ଜୀବନମୁକ୍ତାନନ୍ଦ ହିନ୍ଦୁଧର୍ମ ଜାଗରଣର ପ୍ରଚାର ଓ ସୁରକ୍ଷା ପାଇଁ ଗତ ଜୁନ୍‌ରୁ ପଦଯାତ୍ରା ଆରମ୍ଭ କରିଛନ୍ତି। ରାଜ୍ୟବ୍ୟାପୀ ପରିଭ୍ରମଣ କରି ଆସନ୍ତା ଜୁନ୍ ସେ ପଦଯାତ୍ରା ଶେଷ କରିବେ। ବୋରିଗୁମ୍ମା ଗସ୍ତ ଅବସରରେ ସେ ଶଶାହାଣ୍ଡି, ପୂଜାରୀଗୁଡ଼ା ଦେଇ ବୋରିଗୁମ୍ମା ସଦରରେ ପହଞ୍ଚିଥିଲେ। ସ୍ଥାନୀୟ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସାମ୍ନାରୁ ତାଙ୍କୁ ସମ୍ବର୍ଦ୍ଧନା ଦେଇ ପାଛୋଟି ନିଆଯାଇଥିଲା।


ସ୍ୱାମୀ ଜୀବନମୁକ୍ତାନନ୍ଦଙ୍କୁ ବୋରିଗୁମ୍ମାକୁ ପାଛୋଟି ନିଆଯାଉଛି।

▪ ଜୟପୁର ଦଶହରା ପାଇଁ ପ୍ରସ୍ତୁତି ଆରମ୍ଭ

# ଷଷ୍ଠୀରେ କାଳିକା, ନବମୀରେ ଭଗବତୀଙ୍କ ସୁନାବେଶ

**ଜୟପୁର,୨୮।୯(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ଐତିହାସିକ ଦଶହରା ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଆଇଟିଡିଏ କନଫେରେନ୍ସ ହଲ୍‌ରେ ପୂଜା କମିଟି ସଭାପତି ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସଭାପତିତ୍ୱରେ ଆବାହକ ତଥା ଉପଜିଲାପାଳ ଲୋକନାଥ ଦଳବେହେରା ଦଶହରାର ବିଭିନ୍ନ ଦିଗ ଆଲୋଚନା କରିଥିଲେ । ପରମ୍ପରା ଅନୁଯାୟୀ ଅକ୍ଟୋବର ୨ ମୂଳାଷ୍ଟମୀରୁ ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀଙ୍କ ପୀଠରୁ ଆଜ୍ଞାମାଳ ପରେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ନିମନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଯାତ୍ରା କରିବେ।

୯ରୁ ୧୬ ଯାଏଁ ଅଧିଷ୍ଠାତ୍ରୀ ମା' ଭଗବତୀ ପୀଠରୁ ବିଜୟା ଠାକୁରାଣୀଙ୍କ ଭ୍ରମଣ ଯାତ୍ରା ଅନୁଷ୍ଠିତ ହେବ। ୧୩ରେ ଷଷ୍ଠୀ ତିଥିରେ ଦକ୍ଷିଣକାଳିଙ୍କ ଓ ୧୮ରେ ନବମୀ ତିଥିରେ ଭଗବତୀଙ୍କ ସୁନାବେଶ କରାଯିବ। ଦଶହରା ଦିନ ରାବଣ ପୋଡ଼ି ଅନୁଷ୍ଠିତ ହେବ। ଷଷ୍ଠୀତିଥିରେ ପୁରୁଣାଗଡ଼ କାଳି ମନ୍ଦିରଓ ନବମୀ ତିଥିରେ ଭଗବତୀ ମନ୍ଦିରରେ ମା'ଙ୍କ ସୁନାବେଶ ଅନୁଷ୍ଠିତ ହେବ। ନବରଙ୍ଗପୁର ଏବଂ କୋରାପୁଟ ଜିଲାର ୮୨ରୁ ଊର୍ଦ୍ଧ୍ୱ ଦେବୀପୀଠରୁ ନିମନ୍ତ୍ରଣ ପାଇ ଆସିଥିବା ଲାଠିଧାରୀଙ୍କ ରହିବା ଓ ଖାଇବା ବ୍ୟବସ୍ଥା ସ୍ଥାନୀୟ ବାଙ୍କମଠରେ କରାଯିବ। ସହରର ମୁଖ୍ୟରାସ୍ତା, ମହାତ୍ମାଗାନ୍ଧୀ ରୋଡ ଏବଂ ଏନ.କେ.ଟି ରୋଡରେ ପୂଜା ମେଢ଼ ଓ ରଙ୍ଗିନ ଲାଇଟ ସଜ୍ଜା ସାଜସଜ୍ଜା କରାଯିବ । ଷଷ୍ଠୀ ତିଥିରେ ଭଜନ ସମାରୋହରୁ କାର୍ଯ୍ୟକ୍ରମ ଆରମ୍ଭ ହେବ । ରାଜାନହର ଛକ, ଜଗଦଜନନୀ ଛକରେ ବିଭିନ୍ନ ଦିବସରେ ସାଂସ୍କୃତିକ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ହେବ। ଦଶହରା ସମୟରେ ମଦ, ଜୁଆ ବନ୍ଦ ରହିବ। ଅସାମାଜିକଙ୍କୁ ସାବାଡ଼ କରିବା ପାଇଁ ସାଧା ପୋଷାକରେ ମୁତୟନ ହେବେ ପୋଲିସ। ବିଦ୍ୟୁତ ସରବରାହ ଅବିଚ୍ଛିନ୍ନ ରଖିବା, ସହରରେ ଦଶହରା ବେଳେ ଦୁଇଥର ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ନେଇ ମଧ ଆଲୋଚନା ହୋଇଥିଲା। ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ମୁତାବକ ମୃଣ୍ମୟ ମୂର୍ତ୍ତି ବିସର୍ଜନ କରାଯିବା ନେଇ କମିଟି କରାଯାଇଥିଲା । ପ୍ରସ୍ତୁତି ବୈଠକରେ ତହସିଲଦାର ତଥା ଦେବୋତ୍ତର ଅଧିକାରୀ ରଞ୍ଜିତା ମଲ୍ଲିକ, ଜୟପୁର ଏସ୍‌ଡିପିଓ ପ୍ରତ୍ୟୁଷ ଦିବାକର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ, ନରେନ୍ଦ୍ରନାଥ ନାୟକ, ଟାଉନ ଥାନା ଅଧିକାରୀ ବାଳେଶ୍ୱର ଗିଧି ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ବିଧାୟକଙ୍କ ସହ ଅନ୍ୟମାନେ ।

**ବ୍ୟବସ୍ଥା**
- ମଦ, ଜୁଆ ବନ୍ଦ ପାଇଁ ନିଷ୍ପତ୍ତି
- ସହର ସାରା ଝଲସିବ ଆଲୋକ
- ସାଦା ପୋଷାକରେ ମୁତୟନ ହେବେ ପୋଲିସ

## ସଂକ୍ଷେପରେ

### ଗଞ୍ଜେଇ ଜବତ: ୪ ଗିରଫ

ମାଲକାନଗିରି,୨୮।୯(ଡି.ଏନ.ଏ.)- ମାଲକାନଗିରି ଜିଲା ପଦ୍ମଗିରି ଛକ ନିକଟରୁ ଚୋରା ଚାଲାଣ ବେଳେ ପୋଲିସ ୧୩ କିଲୋ ୨ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି । ମାଲକାନଗିରି ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସଦର ଥାନା ଅନ୍ତର୍ଗତ ପଦ୍ମଗିରି ଛକ ନିକଟରେ ୪ ଜଣ ବ୍ୟକ୍ତି ବସକୁ ଅପେକ୍ଷା କରିଥିବା ଜାଣିବାକୁ ପାଇଥିଲେ । ପରେ ଡିଏସପି ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ଏସଆଇ ସୁଶାନ୍ତ ପ୍ରଧାନ ଚଢାଉ କରି ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ । ଗିରଫ ୪ ଜଣ ହେଲେ ମାଲକାନଗିରି ଜିଲାର ଏମ.ଭି.-୮୪ ଗ୍ରାମର ବୈଷ୍ଣବ ମଣ୍ଡଳ, ଏମ.ଭି-୮୩ ଗ୍ରାମର ଗୋବିନ୍ଦ ମଣ୍ଡଳ, ମଧ ପ୍ରଦେଶ ଜବଲପୁର ଜିଲାର କମଲ ବାଧୱାନି ଓ କାଞ୍ଚନ ବାଧୱାନି। ଏହି ଗଞ୍ଜେଇ ତାଣ୍ଡିକୋଣ୍ଡା ଅଞ୍ଚଳରୁ ଚାଲାଣ ହେଉଥିଲା । ଏହାର ଆନୁମାନିକ ମୂଲ୍ୟ ୬୫ ହଜାର ଟଙ୍କା ବୋଲି ପୋଲିସ ପ୍ରକାଶ କରିଛି ।

### ନାବାଳିକାଙ୍କ ଆତ୍ମହତ୍ୟା

କାଲିମେଳା,୨୮।୯(ଡି.ଏନ.ଏ)- ମାଲାକମଗିରି ଜିଲା କାଲିମେଳା ବ୍ଲକ ମହାରାଜପାଲି ପଞ୍ଚାୟତ ଏମପିଭି-୮୧ଗ୍ରାମରେ ଜଣେ ନାବାଳିକା(୧୭) ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ଏମପିଭି-୮୧ ଗ୍ରାମର ନିରେନ ହାଲଦାରଙ୍କ ଝିଅ ଶେଫାଳି ହାଲଦାର ବୋଲି ଜଣାପଡିଛି। ସକାଳ ପ୍ରାୟ ୭ଟାରେ ଶେଫାଳି ଜେଜେମା ରେଣୁକା ହାଲଦାରଙ୍କୁ ନିକଟସ୍ଥ ଭାଉଜ ଘରକୁ ଯାଉଛି କହି ଆସିଥିଲେ। କିଛି ସମୟ ପରେ ସେଠାରୁ ଘରକୁ ଫେରି ଫ୍ୟାନରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଥିଲେ । ଏଠାରେ ଘରେ ଜେଜେମା ଓ ଶେଫାଳି ରହୁଛନ୍ତି। ତାଙ୍କ ମାଆ ବାପା ଓ ଭାଇ ଆନ୍ଧ୍ରରେ ରହି କାର୍ଯ୍ୟ କରୁଛନ୍ତି । ଖବରପାଇ ପୋଲିସ ପହଞ୍ଚି ମୃତଦେହ ଆଣି କାଲିମେଳା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି।

### ଅଭିଭାବକ, ଛାତ୍ରୀଛାତ୍ର ସମ୍ମିଳନୀ



ମାଥିଲି , ୨୮।୯ (ଡି.ଏନ.ଏ) - ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ପାଙ୍ଗାମ ସଦର ଡିଏନକେସ୍ଥିତ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ରାଧାଶ୍ୟାମ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଏବିଇଓ ସତ୍ୟ ଭଦ୍ରା, ଡବ୍ଲୁଇଓ ଶଶିକାନ୍ତ ସାମନ୍ତରାୟ, ହାତୀରାମ ଗୁରୁ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସମନ୍ୱୟ ରଖିବା, ପାଠ ପଢାଇବାରେ ଛାତ୍ରୀଛାତ୍ରଙ୍କ ପ୍ରତି ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସନ୍ତୋଷ କୁମାର ମହାରଣା, ଦେବାଶିଷ ଶତପଥୀ, ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଔଷଧ ବ୍ୟବସାୟୀଙ୍କ ଆନ୍ଦୋଳନ: ସବୁ ଦୋକାନ ବନ୍ଦ

ମାଲକାନଗିରି,୨୮।୯(ଡି.ଏନ.ଏ)

ସର୍ବଭାରତୀୟ କେମିଷ୍ଟ ଏବଂ ଡ୍ରଗିଷ୍ଟ ସଂଘ ଆହ୍ୱାନରେ ମାଲକାନଗିରି ଜିଲାରେ ଶୁକ୍ରବାର ଔଷଧ ବ୍ୟବସାୟୀଙ୍କ ୨୪ ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଛି। ଫଳରେ ଜିଲାର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା । ମାଲକାନଗିରି ସଂଘର ସମ୍ପାଦକ ସୁଚିତ୍ ରାୟଙ୍କ କହିବା ଅନୁଯାୟୀ ଲୋକଙ୍କ ଜୀବନ ବଞ୍ଚାଇବାରେ ଔଷଧ ଦୈନନ୍ଦିନ ଜୀବନରେ ଏକ ଜରୁରୀ ସାମଗ୍ରୀ। ଏବେ କିଛି କମ୍ପାନୀ ଅନ୍‌ଲାଇନ୍ ଯୋଗେ ଏହି ଔଷଧ ବିକ୍ରି କରୁଛନ୍ତି। ଏଥିଯୋଗୁ ଆମେ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେଉଛୁ। ଏନେଇ ସର୍ବଭାରତୀୟ ସ୍ତରରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କୌଣସି ପଦକ୍ଷେପ ନିଆ ନ ଯିବାରୁ ସଂଘ ନିର୍ଦ୍ଦେଶକ୍ରମେ ଆନ୍ଦୋଳନ କରାଯାଇଥିଲା । ତେବେ ଆଗାମୀ ଦିନରେ ଯଦି ସରକାର ଅନ୍‌ଲାଇନ୍ ଔଷଧ କାରବାର ବନ୍ଦ କରିବା ଦିଗରେ ପଦକ୍ଷେପ ନ ନିଅନ୍ତି ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେ କହିଛନ୍ତି। ଔଷଧ ଦୋକାନ ବନ୍ଦ ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ ।



ବନ୍ଦ ରହିଥିବା ଔଷଧ ଦୋକାନ ।

## ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ସାମିଲ



ବିଜେଡିରେ ମିଶିଥିବା କର୍ମୀମାନେ ।

ମାଥିଲି , ୨୮।୯ (ଡି.ଏନ.ଏ)

ମାଥିଲି ବ୍ଲକ ଅନ୍ତର୍ଗତ ଡୁର୍କାଯୋଡିଠାରେ ଆୟୋଜିତ ବିଜେଡି କର୍ମୀ ସମ୍ମିଳନୀରେ ଦଳ ଛାଡି କର୍ମୀମାନେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶାଙ୍କୁ ସମର୍ଥନ ଜଣାଇ ବିଜେଡିରେ ମିଶିଛନ୍ତି । ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଏବଂ ଚିତ୍ରକୋଣ୍ଡା ବିଧାୟକ ଶିଶାଙ୍କ ଲୋକପ୍ରିୟତାକୁ ନେଇ ବିଜେଡିକୁ ଟାଣି ଆଣିଥିବା ଦଳ ଛାଡିଥିବା କର୍ମୀମାନେ କହିଛନ୍ତି । ପୂର୍ବରୁ ଭାଜପାରେ ଥିବା ପାତ୍ରପୁଟ ଗ୍ରାମର ସନ୍ତୋଷ କୁମାର ମାଣ୍ଡି, ଗୋପୀ ମାଝି, ସନ୍ତୋଷ ଖୁଡୁପିଆ, ସୁଭଦ୍ରା ଦୋରା, ମଙ୍ଗଳୀ ପୂଜାରୀ, ରାମଚନ୍ଦ୍ର ଦୋରା, କୁଟୁଣୀପାଲି ଗ୍ରାମର କଂଗ୍ରେସରେ ଥିବା କର୍ମୀ ସଦାଶିବ ପୂଜାରୀ, ପୂର୍ବତନ ନାଏବ ସରପଞ୍ଚ ଶଶି ନାୟକ, ଟିମସପୁଟର ତୁଳା ବାରିକ, ପାର୍ବତୀ ଓଡିଆ, ପଦ୍ମ ବାରିକ, ଡୁର୍କାଯୋଡିର ଭଲା ନାୟକ, ଚଞ୍ଚଳା ନାୟକ, ଅଟାଳଗୁଡା ଗ୍ରାମର କମ୍ୟୁନିଷ୍ଟ ଦଳରେ ଥିବା ବିଜୟ କମଳ ନାୟକ ପ୍ରମୁଖ ଦଳ ଛାଡି ବିଜେଡିରେ ମିଶିଛନ୍ତି । ଏହି ଅବସରରେ ଡୁର୍କାଯୋଡି ଗ୍ରାମରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଦଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଦଳକୁ ସୁଦୃଢ କରିବା ଏବଂ ଆଦିବାସୀ ଗାଁରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କାମ କରିବାକୁ କର୍ମୀମାନଙ୍କୁ ବିଧାୟକ ଶିଶା ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କର୍ମୀ ପ୍ରକାଶ ପଣ୍ଡା, ଗୋଲାପ ଲାଲ, ଏସ.ବାଲାଜି ରାଓ, ସମାରୁ ନାୟକ, ରାମକୃଷ୍ଣ ଅନୁଗୁଳିଆ, ଏସ. ମୁରଲୀ, ଡି. ବାଙ୍ଗାରିଆ, ରଶ୍ମିରଞ୍ଜନ ପଟ୍ଟନାୟକ, ତୁଳସୀ ଦଳେଇ, ଉଜେ ନାୟକ, ସୁଦେଶ କୁମାର ଦୋରା, ବିଧାୟକ ପ୍ରତିନିଧି ଭୀମସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଟକ ଲଞ୍ଚକୁ ଛାଡିଲେ ମାଓବାଦୀ

ଚିତ୍ରକୋଣ୍ଡା,୨୮।୯

ଆନ୍ଧ୍ର ଓଡିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ଲାଲବାହିନୀ ଟେପ ରେକର୍ଡ ଓ ପୋଷ୍ଟର ମାଧ୍ୟମରେ ସରକାରଙ୍କୁ ଗୁରୁପ୍ରିୟା ସେତୁ ବିକାଶ ପାଇଁ ନୁହେଁ ବିନାଶ ପାଇଁ ଏବଂ ଡ୍ୟାମ ପାଣିକୁ ନ ଛାଡିବା ପାଇଁ ଜଣାଇଥିଲେ । ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ମାଓବାଦୀମାନେ ସିଲଓ୍ୱ ଲଞ୍ଚ ଘାଟରୁ ଯନ୍ତ୍ରୀ ଓ ସିନ୍ଧିପୁଟ ଯାଉଥିବା ଲଞ୍ଚକୁ ଦୁଇଦିନ ହେଲା ଅଟକ ରଖିଥିଲେ। ଗୁରୁବାର ସେମାନେ ସିନ୍ଧିପୁଟ ଲଞ୍ଚକୁ ଛାଡିଥିବା ବେଳେ ଶୁକ୍ରବାର ଯନ୍ତ୍ରୀ ଲଞ୍ଚକୁ ଛାଡି ଦେଇଛନ୍ତି। ଲଞ୍ଚରେ ଲାଲବାହିନୀର ବ୍ୟାନର ଲାଗିଥିବା ଅବସ୍ଥାରେ ସକାଳ ସାଢେ ୮ଟାରେ ସିଲଓ୍ୱ ଘାଟରେ ପହଞ୍ଚିଥିଲା । ବ୍ୟାନରରେ ବିପ୍ଳବୀ ଆଦିବାସୀ ଚାଷୀ ଓଡିଆ ସଂଘ ନାମରେ ଗୁରୁପ୍ରିୟା ସେତୁ, ଡ୍ୟାମ ପାଣି ବିଚ୍ଛିନ୍ନାଞ୍ଚଳ ଚାଷକୁ ନଷ୍ଟ କରୁଛି। ପ୍ରାଣୀ ଚିକିତ୍ସାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ଚାଷ ଓ ବିଦ୍ୟୁତ ସରବରାହର ବିକାଶ ଉପରେ ଧ୍ୟାନ ଦେବାକୁ ଉଲେଖ ରହିଛି। ଯଦି ଏଥିପ୍ରତି ସରକାର ଗୁରୁତ୍ୱ ନ ଦିଅନ୍ତି ତେବେ ଆଗାମୀ ଦିନରେ ଉକ୍ତ ଅଞ୍ଚଳରେ ଜୋରଦାର ବିରୋଧ କରାଯିବ ବୋଲି ଉଲ୍ଲେଖ କରିଛନ୍ତି। ଏନେଇ ଖବର ପାଇ ଚିତ୍ରକୋଣ୍ଡା ପୋଲିସ ଲଞ୍ଚ ଘାଟରୁ ବ୍ୟାନରକୁ ଜବତ କରିଛି।

## ବିଜୁ ଯୁବ ବାହିନୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୨୮।୯(ଡି.ଏନ.ଏ)

ମାଲକାନଗିରି ଜିଲା ବିଜୁ ଯୁବ ବାହିନୀ ପକ୍ଷରୁ ଶୁକ୍ରବାର ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ନିରାକରଣ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ବ୍ଲକ ତମସା ପଞ୍ଚାୟତ ସଦର ମହକୁମାରେ ବିଜୁ ଯୁବ ବାହିନିର ୫୦ ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ମ୍ୟାଲେରିଆ ଓ ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନ କରାଇ ନିଜ ଗ୍ରାମ, ବାଡିବଗିଚା ସଫା ରଖିବାକୁ ପରାମର୍ଶ ଦେଇଥିଲେ । ଏଥିସହ ଗ୍ରାମରେ ଥିବା ଖାଲୁଆ ସ୍ଥାନକୁ ମାଟି ପକାଇ ପୋତିବା, ପାଳିତ ଘୁଷୁରିଙ୍କୁ ଗ୍ରାମଠାରୁ ଦୂରରେ ରଖିବା , ମଶାରି ବ୍ୟବହାର କରିବା, ଗରମ ଖାଦ୍ୟ ଖାଇବା, ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବାକୁ ଗ୍ରାମବାସୀଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଭିମା ମାଡକାମି , ୱାର୍ଡମେମ୍ବର ଦେବା ପଡିଆମି, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିମା ଦେବ୍‌ନାଥ, ଅଙ୍ଗନୱାଡି କର୍ମୀ ସୁକୁରି କବାସି, ଆଶାକର୍ମୀ ମୁକେ ପଡିଆମି, ମାଲକାନଗିରି ବିଜୁ ଯୁବ ବାହିନି ସଂଯୋକ ରାମ ମାଡକାମି,ପ୍ରକଳ୍ପ ଅଧିକାରୀ ଦେବା ସୋଢି ପ୍ରମୁଖ ଉପସ୍ଥିତ ଥିଲେ ।





ବିଜୁ ଯୁବ ବାହିନୀ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଦୁର୍ଘଟଣାରେ ୩ ଗୁରୁତର

ମାଥିଲି, ୨୮।୯ (ଡି.ଏନ.ଏ)– ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ମିଲୁଗୁଡା ମୁଖ୍ୟ ରାସ୍ତାରେ ଶୁକ୍ରବାର ସଡକ ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ମିଲୁଗୁଡା ଗ୍ରାମର ଚଣ୍ଡାଳ ହନ୍ତାଳ (୫୫), ସର୍ଗୀଗୁଡା ଗ୍ରାମର ୨ ଯୁବକ ନରେନ୍ଦ୍ର ପେରେମା (୨୩) ଓ ଗଣେଶ ମାଛା (୨୦) । ୨ ଯୁବକ ମିଶି ବାଇକରେ ଆସୁଥିବା ସମୟରେ ଭାରସାମ୍ୟ ହରାଇ ମୁଖ୍ୟରାସ୍ତା ପାର୍ଶ୍ୱରେ ଚାଲି ଯାଉଥିବା ଚଣ୍ଡାଳଙ୍କୁ ଧକ୍କା ଦେଇଥିଲେ । ଘଟଣାସ୍ଥଳରେ ସମସ୍ତେ ଛିଟିକି ପଡି ଗୁରୁତର ହୋଇଥିଲେ । ପରେ ମିଲୁଗୁଡା ଗ୍ରାମବାସୀ ୩ ଜଣଙ୍କୁ ଉଦ୍ଧାର କରି ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ନରେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଶଙ୍କର



@ ଦିନେଶ



@ ମଧୁପ୍ରସାଦ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

▪ଗୋବିନ୍ଦପାଲି ଛାତ୍ରୀ ନିର୍ଯାତନା ମାମଲା

## ୨ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ପାଇଁ ଦାବି

ମାଲକାନଗିରି,୨୮।୯(ଡି.ଏନ.ଏ) –

ଗତ ମାର୍ଚ୍ଚ ମାସରେ ଗୋବିନ୍ଦପାଲି ସରକାରୀ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀଙ୍କୁ ଯୌନ ନିର୍ଯାତନା ଓ ବଳାତ୍କାର ଘଟଣା ନେଇ ୨ ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ସହ ସେମାନଙ୍କ ଜାମିନ ନାମଞ୍ଜୁର କରିବାକୁ ପୀଡିତାଙ୍କ ମାମୁ ଅଭିମନ୍ୟୁ ମିଶ୍ର ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ଏନେଇ ମାନ୍ୟବର ହାଇକୋର୍ଟର ଦ୍ୱାରସ୍ଥ ହେବା ପରେ ହାଇକୋର୍ଟଙ୍କ ପକ୍ଷରୁ ମାମଲାର ପୁର୍ନବିଚାର କରାଯିବା ସହ ଆବଶ୍ୟକ ସ୍ଥଳେ ସେମାନଙ୍କ ଜାମିନ ନାମଞ୍ଜୁର କରାଯିବା ନେଇ ନିର୍ଦ୍ଦେଶ ଆସିଛି । ତେବେ ଗତ ମାର୍ଚ୍ଚ ମାସରେ ପୀଡିତା ଗୋବିନ୍ଦପାଲିର ମହେନ୍ଦ୍ର ପାଣିଗ୍ରାହୀ ଓ କୁଆଁ ଆଚାରି ତାଙ୍କୁ ବଳାତ୍କାର କରି ଅଶ୍ଳୀଳ ଫୋଟ ଉଠାଇବା ନେଇ ମାଥିଲି ଥାନାରେ ଅଭିଯୋଗ କରିଥିଲେ । ସେହି ସମୟରେ ଡିଏସପି ମାନସ ରନ ବାରିକ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ମୁଖ୍ୟ ଅଭିଯୁକ୍ତ ମହେନ୍ଦ୍ର ଏବଂ କୁଆଁ ଆଗୁଆ ଜାମିନ୍ ଆଣିଥିଲେ । ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାଧ୍ୟ ହୋଇ ନ୍ୟାୟ ପାଇଁ ପୀଡିତାଙ୍କ ପରିବାର ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ । ତେବେ ମାମଲା ଉଠାଇ ନେବା ପାଇଁ ତାଙ୍କୁ ଏବଂ ତାଙ୍କ ଭାଣିଜୀଙ୍କୁ ଧମକଚମକ ଦେବା ସହ ଜୀବନରୁ ମାରିଦେବା ପାଇଁ ଧମକ ମିଳୁଥିବା ଅଭିମନ୍ୟୁ ଅଭିଯୋଗ କରିଛନ୍ତି। ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ଓ ଏସପିଙ୍କୁ ଲିଖିତ ଭାବେ ଅନୁରୋଧ କରିବା ସହ ତୁରନ୍ତ ଘଟଣାର ପୁର୍ନବିଚାର ପାଇଁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ତାଙ୍କର ହସ୍ତଗତ ହୋଇଛି। ଆଇନ୍ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମାଲକାନଗିରି ଏସପି ଜଗମୋହନ ମିନା କହିଛନ୍ତି। ସୂଚନାଯୋଗ୍ୟ ଯେ, ପୀଡିତା ଜଣକ ଏବେ ଦିଲୀରେ ରହୁଛନ୍ତି। ଘଟଣା ପରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ତାଙ୍କୁ ଦେଢ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଥିଲା ।



ଗଣମାଧ୍ୟମକୁ ସୂଚନା ଦେଉଛନ୍ତି ଅଭିମନ୍ୟୁ ।

# ବିଜେଡିର ମହିଳା ସମାବେଶ

ମାଲକାନଗିରି,୨୮।୯(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ନଗରଭବନଠାରେ ବିଜୁ ଜନତା ଦଳ ପକ୍ଷରୁ ମାଲକାନଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ ଶୁକ୍ରବାର ଅନଷ୍ଠିତ ହୋଇଯାଇଛି । ଜିଲା ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ପଦ୍ମିନୀ ମୁଦୁଲିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମାବେଶରେ ବିଧାୟକ ମାନସ ମାଡ଼କାମି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଆଡ଼ମା ରାୱା, ପୌର ପରିଷଦ ଅଧ୍ୟକ୍ଷା ରାଜୱନ୍ତ କୌର, ଜିଲା ପରିଷଦ ସଦସ୍ୟା ଦହନା ତାଗୁଲୁ , ରାଜେନ୍ଦ୍ର ଆଚାର୍ଯ୍ୟ, ଜିଲା ପର୍ଯ୍ୟବେକ୍ଷକ ସୁଧୀର ଷଡ଼ଙ୍ଗୀ, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ମାଆ ଘର ସଭାନେତ୍ରୀ ପ୍ରଶାନ୍ତିଲତା ବିଷୋୟୀ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗାଁ କଲ୍ୟାଣ ସମିତି ଓ ରାଜ୍ୟ ସରକାର ମାଆମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ।



ସମାବେଶରେ ଯୋଗ ଦେଇଥିବା ମହିଳାମାନେ ।



ଭବିଷ୍ୟତ ପାଇଁ କେଉଁଟା ଶୁଭଦାୟକ ତାହା ଅତୀତ ବିଷୟରେ ହାସଲ କରିଥିବା ଜ୍ଞାନ ହିଁ କହିପାରିବ।

- କନ୍‌ଫୁସିୟସ



## ସଂକ୍ଷେପରେ

### ୭ ଦଫା ଦାବିନେଇ ଔଷଧ ବ୍ୟବସାୟୀଙ୍କ ଧାରଣା

ରାୟଗଡା ଅଫିସ୍, ୨୮।୯: ୭ଦଫା ଦାବିନେଇ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍‌ର ନିର୍ଦ୍ଦେଶକ୍ରମେ ରାୟଗଡା ଜିଲା ଔଷଧ ବ୍ୟବସାୟୀ ପ୍ରତିଷ୍ଠାନ ସଂଘ ପକ୍ଷରୁ ସମସ୍ତ ଔଷଧ ବ୍ୟବସାୟୀ ଶୁକ୍ରବାର ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ । ଏଥିରେ ସଂଘ ସଭାପତି ଭି.ଚନ୍ଦ୍ରଶେଖର ରାଓ, ସମ୍ପାଦକ ଟି.ସୋବନ ବାବୁ ନେତୃତ୍ୱ ନେଇଥିଲେ । ସମାଜ ପାଇଁ କ୍ଷତିକାରକ ଅନ୍‌ଲାଇନ୍ ଔଷଧ ବ୍ୟବସାୟକୁ ବିରୋଧ, ରୋଗୀଙ୍କୁ ଆବଶ୍ୟକ ଜରୁରୀ ଚିକିତ୍ସା ଓ ଔଷଧ ଯୋଗାଣର ସୁବିଧା, ଔଷଧର ସୁଷମ ବଣ୍ଟନ ଓ ଅଭାବକୁ ନିୟନ୍ତ୍ରଣ କରିବା, ଔଷଧ ବିକ୍ରୟ ଉପରେ ଅଯୌକ୍ତିକ ପ୍ରତିଯୋଗିତାକୁ ବିରୋଧ, ଖୁଚୁରା ଔଷଧ ବ୍ୟବସାୟୀଙ୍କ ଜୀବନ ଜୀବିକାର ସୁରକ୍ଷା, ଯୁବ ସମାଜକୁ ନିଶା ଔଷଧ କବଳରୁ ବଞ୍ଚାଇ ରଖିବା ଆଦି ଦାବି କରାଯାଇଛି। ଏହି ଧାରଣାରେ ରାୟଗଡା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀମାନେ ଯୋଗ ଦେଇଥିଲେ ।

### ଏମ୍‌ଜିଏନ୍‌ଆର୍‌ଇଜିଏସର ବ୍ଲକ୍‌ସ୍ତରୀୟ ଜନଶୁଣାଣି

ରାୟଗଡା ଅଫିସ୍, ୨୮।୯: ରାୟଗଡ଼ା ପଞ୍ଚାୟତ ସମିତି ସଦ୍‌ଭାବନା ଗୃହରେ ଏମଜିଏନଆରଇଜିଏସର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡା ଅତିରିକ୍ତ ଜିଲାପାଳ ତଥା ବ୍ଲକ୍ ଜନଶୁଣାଣି କମିଟି ଅଧକ୍ଷ ସୁଧାକର ଶବର ଅଧକ୍ଷତା କରିଥିଲେ । ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହଚରଣ ପଟ୍ଟନାୟକ, ଏପିଓ ରଞ୍ଜିତା ପାଣିଗ୍ରାହୀ, ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଯୋଗ ଦେଇଥିଲେ । ୨୦୧୭ ଏପ୍ରିଲରୁ ୨୦୧୮ ମାର୍ଚ୍ଚ ମଧରେ ମୋଟ ୮୫୭ଟି ପ୍ରକଳ୍ପ କାର୍ଯ୍ୟ ନିଷ୍ପତ୍ତି ହୋଇ ୪୪୭ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ୧୯ହଜାର ୫୪୭ ପଞ୍ଜୀକୃତ ପରିବାର ମଧରୁ ୫୨୩୫ଟି ପରିବାର କର୍ମ ଯୋଗାଣ ନିମନ୍ତେ ଦରଖାସ୍ତ କରିଥିଲେ ଓ ସମସ୍ତ ପରିବାରକୁ ୪୪୭ ପ୍ରକଳ୍ପରେ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା । ଏହି ଅବଧି ମଧରେ ୨କୋଟି ୫୫ଲକ୍ଷ ୧୧ହଜାର ୮୩୫ଟଙ୍କା ଖର୍ଚ୍ଚରେ ମୋଟ ୮୦ହଜାର ୩୮୫ଶ୍ରମ ଦିବସ ସୃଷ୍ଟି କରାଯାଇଛି । ୧୧୭ ଜଣ ୧୦୦ଦିନର କାର୍ଯ୍ୟ ପୂରଣ କରିଛନ୍ତି । କୁଟୁଳି ପଞ୍ଚାୟତରେ ସର୍ବାଧିକ ୩୪ଲକ୍ଷ ୨୧ହଜାର ୪୯୪ଟଙ୍କା ଓ ଗାଜିଗାଁ ପଞ୍ଚାୟତରେ ସର୍ବନିମ୍ନ ୧ଲକ୍ଷ ୪୨ହଜାର ୨୦୮ଟଙ୍କା ଖର୍ଚ୍ଚ ହୋଇଥିବା ଆଲୋଚନା ହୋଇଥିଲା । ଏହି ଅବସରରେ ସର୍ବାଧିକ ଶ୍ରମ ଦିବସ ସୃଷ୍ଟି ନିମନ୍ତେ କୁଟୁଳି ଓ ଜେମାଦେଇପେଣ୍ଠ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଟ୍ଟନାୟକ ପରିଚାଳନା କରିଥିଲେ ।

### ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଉତ୍ସବ



ଗୁଣପୁର,୨୮।୯(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର କଲେଜ ଉଦ୍ଭିଦ ବିଜ୍ଞାନ ସମ୍ମାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ ଅଧକ୍ଷ ଡ.ବାମଦେବ ମିଶ୍ର ସଭାପତିତ୍ୱ କରିଥିଲେ । ରାସାୟନିକ ବିଜ୍ଞାନ ମୁଖ୍ୟ ଡ.ନିଳମାଧବ ଦାସ ମୁଖ୍ୟଅତିଥି, ଡ.ରମାକାନ୍ତ ସାହୁ ଏବଂ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଶିବ ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ, ଶୁଭେଚ୍ଛା ଜଣାଇଥିଲେ । ଏଥିସହ କର୍ତ୍ତବ୍ୟନିଷ୍ଠ, ସମୟଜ୍ଞାନ, କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ଦ୍ୱାରା ଛାତ୍ରୀଛାତ୍ର ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି କହିଥିଲେ । ବିଭାଗୀୟ ମୁଖ୍ୟ ପ୍ରଫେସର ଜି.ମହେଶ୍ୱର ରାଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରୀକ୍ଷାଗାର ସହାୟିକା ଜ୍ୟୋତ୍ସ୍ନାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ପାଠଚକ୍ର ସଂପାଦକ ଦିବ୍ୟ ଦେବାଶିଷ ଦୁବେ ଏବଂ ଅନ୍ୟାନ୍ୟ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ମନୀଷା ଜେନା ଧନ୍ୟବାଦ ଦେଇଥିଲେ ।



ସ୍କୁଲ ପରିସରରେ ଅନାବନା ଗଛ ଉଠିଯାଇଛି ।



ଜଙ୍ଗଲ ରାସ୍ତା ଦେଇ ମହିଳାମାନେ ଯାଉଛନ୍ତି ।

■ ସାନ ଦ୍ୱାରଗୁଡି ଓ ବଡ଼ ଦ୍ୱାରଗୁଡ଼ି ଗାଁ

# ବିକାଶ ଏଠି ସାତସପନ

ବିଷମକଟକ, ୨୮।୯(ଡି.ଏନ୍.ଏ.)

■ ପକ୍କାରାସ୍ତା ନାହିଁ, ସ୍ୱାସ୍ଥ୍ୟସେବା ଅପହଞ୍ଚ

■ ସ୍କୁଲ ଘର ପାଲଟିଗଲାଣି ଜଙ୍ଗଲ

■ ସରକାରୀ ଯୋଜନା ସବୁ ଅପହଞ୍ଚ

ନିୟମଗିରିରେ ବସବାସ କରୁଥିବା ଡଙ୍ଗରିଆ କନ୍ଧଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ନିୟମଗିରିବାସୀଙ୍କ ପାଇଁ ଏହା କେବଳ ଯୋଜନାରେ ହିଁ ରହିଛି। ଏଠାରେ ବସବାସ କରୁଥିବା ଆଦିମ ଜନଜାତି ଲୋକେ ଏବେ ସୁଦ୍ଧା ମୌଳିକ ସୁବିଧାରୁ ବଞ୍ଚିତ। ଗାଁକୁ ନାହିଁ ପକ୍କା ରାସ୍ତା। ସ୍ୱାସ୍ଥ୍ୟ ସେବା ମଧ୍ୟ ଏଠାରେ ଅପହଞ୍ଚ। କହିବାକୁ ଗଲେ ଏଠାରେ ବିକାଶ ଧାରା ଲୋକଙ୍କ ପାଇଁ ଏବେବି ସାତସପନ।

ନିୟମଗିରି ପାହଡ ଶୀର୍ଷରେ ଥିବା ଦୁଇଟି ଗାଁ ହେଉଛି ବଡ଼ଦ୍ୱାରଗୁଡି ଓ ସାନ ଦ୍ୱାରଗୁଡି। ରାୟଗଡା ଜିଲା ବିଷମକଟକ ବ୍ଲକର ଡାଲିଆକୁଜି ପଞ୍ଚାୟତର ଏହି ଦୁଇଟି ଗାଁ ସତେ ଯେପରି ବିକାଶର ମାନଚିତ୍ରରୁ ଉଭେଇଯାଇଛି। ଏହି ଦୁଇଟି ଗାଁରେ ରହୁଛନ୍ତି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଡଙ୍ଗରିଆ ପରିବାର। ଗାଁକୁ ଯିବା ପାଇଁ କେବଳ ପାହାଡିଆ ରାସ୍ତାହିଁ ଏକମାତ୍ର ଭରସା। ଦୁର୍ଗମ ପଥୁରିଆ ଘାଟି ରାସ୍ତା ଦେଇ ପ୍ରାୟ ୧୦ କିଲୋମିଟର ପାହାଡ଼ ଚଢ଼ିବା ପରେ ପଡେ ସାନ ଦ୍ୱାରଗୁଡି ଗାଁ। ଗାଁରେ ଏବେ ମଧ୍ୟ ପ୍ରାୟ ୧୦ଜଣ ବିଭିନ୍ନ ରୋଗରେ ପିଡିତ। ନାଁ ସେମାନେ ପାହାଡ ଡେଇଁ ତଳକୁ ଯାଇପାରୁଛନ୍ତି ନାଁ ପଥଶାସନ ପକ୍ଷରୁ କୌଣସି ଡାକ୍ତରୀ ଟିମ୍ ସେଠାରେ ପହଞ୍ଚୁଛନ୍ତି। ଗାଁ ରେ ପଡି ମୃତ୍ୟୁକୁ ଅପେକ୍ଷା କରିଥିବା ସେମାନେ କହିଛନ୍ତି। ଗାଁରେ ସ୍ୱାସ୍ଥ୍ୟସେବା ଏବେବି ଅପହଞ୍ଚ ଏଥିରୁ ସ୍ପଷ୍ଟ ଅନୁମେୟ। ସେହିଭଳି ବଡ଼ଦ୍ୱାରଗୁଡି ଗାଁର ଅବସ୍ଥା ମଧ୍ୟ ଅନୁରୂପ। ବର୍ଷକରେ ଥରେ ହେଲେ ମଧ ସରକାରୀ କର୍ମଚାରୀଙ୍କ ପାଦ ଏହି ଗାଁରେ ପଡି ନ ଥାଏ । ଶିକ୍ଷା କଥା ନ କହିଲେ ଭଲ। ସ୍କୁଲ ଘରଟି କେବେଠାରୁ ଘଞ୍ଚ ଜଙ୍ଗଲରେ ପରିଣତ ହୋଇଗଲାଣି। ଶିକ୍ଷକଙ୍କୁ ପିଲାମାନେ ଆଜି ପର୍ଯ୍ୟନ୍ତ ଦେଖିବି ନାହାନ୍ତି।

ସରକାରଙ୍କ 'ସଭିଏଁ ପଢନ୍ତୁ-ସଭିଏଁ ବଢନ୍ତୁ' ସ୍ଲୋଗାନ ଏଠାରେ ଫେଲ୍ ମାରିଛି। ଶିକ୍ଷା ଅଭାବରୁ ଏଠାକାର କୋମଳମତି ଶିଶୁଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଛି। ପ୍ରତିମାସରେ ୧୦ କିଲୋମିଟର ପାହାଡ଼ ତଳକୁ ଆସି ଡାଲିଆକୁଜି ପଞ୍ଚାୟତରୁ ସରକାରୀ ଚାଉଳ ନେଇଥାନ୍ତି ଗ୍ରାମବାସୀ। ଏହା ସରିଗଲେ ପଶୁ ପକ୍ଷୀଙ୍କ ମାଂସ କିମ୍ବା ଜଙ୍ଗଲି କନ୍ଦାକୁ ସେମାନେ ଖାଦ୍ୟଭାବେ ଗ୍ରହଣ କରିଥାନ୍ତି। ଏଭଳି ବିଷାକ୍ତ ଖାଦ୍ୟଖାଇ ପ୍ରତିବର୍ଷ ଲୋକେ ଝାଡ଼ାବାନ୍ତି ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାନ୍ତି। ବିଷମକଟକ ବିଧାୟକ ଜଗନ୍ନାଥ ସାରକାଙ୍କୁ ଏନେଇ ପଚାରିବାରୁ ଅଞ୍ଚଳର ସମସ୍ୟା ଥିବା ନେଇ ସେ ସ୍ୱିକାର କରିଥିଲେ। ନିୟମଗିରି ପାହାଡ଼ରେ ପକ୍କା ରାସ୍ତା ନିର୍ମାଣ ପାଇଁ ବିରୋଧ ହେଉଥିବାରୁ ସେସବୁ ଅଞ୍ଚଳରେ ବିକାଶ ବାଧାପ୍ରାପ୍ତ ହେଉଛି ବୋଲି ସେ କହିଛନ୍ତି। ବିଷମକଟକ ବିଡିଓ ଆଲବାର୍ଟ ଲକ୍ରାଙ୍କୁ ଏ ନେଇ ପଚାରିବାରୁ, ସେ ଏଠାରେ ନୂତନଭାବେ ଯୋଗ ଦେଇଛନ୍ତି। ସେ ସବୁ ଅପହଞ୍ଚ ଅଞ୍ଚଳ ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କହିଛନ୍ତି।

## ଜିଆର୍‌ଏସ୍‌ମାନଙ୍କ ସ୍ଥାୟୀ ନିଯୁକ୍ତି ଦାବିରେ ଦାବିପତ୍ର

ମୁନିଗୁଡ଼ା,୨୮।୯(ଡି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକର ୧୭ଟି ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ(ଜିଆରଏସ)ମାନଙ୍କ ତରଫରୁ ସ୍ଥାୟୀ ନିଯୁକ୍ତି ଦାବିକୁ ନେଇ ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଆରଏସମାନଙ୍କୁ ସ୍ଥାୟୀ ନିଯୁକ୍ତି, ଶତପ୍ରତିଶତ କାର୍ଯ୍ୟ ଓ ଗ୍ରାମ ସେବକ ରୋଜଗାରରୁ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀକୁ ପଦୋନ୍ନତି ଆଦି ଦାବି କରିଛନ୍ତି । ଉକ୍ତ ଦାବି ନେଇ ରାଜ୍ୟ ଜିଆରଏସ ସଂଘର ନିଷ୍ପତ୍ତିକ୍ରମେ ଆସନ୍ତା ୨୯ ତାରିଖ ଶନିବାର ଭୁବନେଶ୍ୱର ଯାତ୍ରା କରିବେ । ଦାବିପତ୍ର ପ୍ରଦାନ ବେଳେ ମୁନିଗୁଡ଼ା ବ୍ଲକ ଜିଆରଏସ ସଂଘ ସଭାପତି ମଳୟ ନାୟକ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ରାଧାନାଥ ଷଡ଼ଙ୍ଗୀ, କେ. ଚିରଞ୍ଜୀବ କୁମାର, ରମେଶ କୁମାର ତୁଳ, ସୁନୀଲ ଯାଦବ, ମଙ୍ଗୁଲୁ ପିଡ଼ିକାକା, ଗୋବିନ୍ଦ ସୁନା, ଭୈରବ ପ୍ରସାଦ ପାଣିଗ୍ରାହୀ, ଗୋପାଳ କରକରିଆ, କମଳାକାନ୍ତ ଖୁଣ୍ଟିଆ, ଗଣେଶପ୍ରସାଦ ପୂଜାରୀ, ମଧୁସୂଦନ ପଲକିଆ ଓ ପ୍ରଫୁଲ୍ଲ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଆରଏସମାନେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଶିଳ୍ପୋଦ୍ୟୋଗୀ ସଚେତନତା ଶିବିର

ରାୟଗଡା ଅଫିସ୍, ୨୮।୯

ଓଡ଼ିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ରାୟଗଡା ତରଫରୁ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ରାୟଗଡା ପରିସରରେ ଉଦ୍ୟୋଗୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଶିବିରରେ ଆଞ୍ଚଳିକ ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦ୍ୟୁମ୍ନ କୁମାର ପରିଡା ଯୋଗଦେଇ ବୈଷୟିକ ଶିକ୍ଷା ପରେ ଛାତ୍ରୀଛାତ୍ରମାନେ ଚାକିରିକୁ ପ୍ରାଧାନ୍ୟ ନ ଦେଇ ନିଜେ ନିଜେ ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ରାଧାକାନ୍ତ ରାଉତରାୟ ଯୋଗଦେଇ ଶିଳ୍ପ ପ୍ରତିଷ୍ଠା ପାଇଁ ବିଭିନ୍ନ ତାଲିମ ଓ ବୈଷୟିକ ଜ୍ଞାନ କୌଶଳ ମାଗଣାରେ ବ୍ୟାଙ୍କ ତରଫରୁ ଦିଆଯାଉଥିବା ପ୍ରକାଶ କରିଥିଲେ । ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ଏ.କେ ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ଆତ୍ମନିଯୁକ୍ତି ହେବା ପାଇଁ ପରାମର୍ଶ ଦେଇଥିଲେ । ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସହପରିଚାଳକ ମୋହନ ଶବର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକମାନେ ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ସାମାଜିକ ନିରାପତ୍ତା , ସୁରକ୍ଷା ସଚେତନତା ଶିବିର

ମୁନିଗୁଡ଼ା,୨୮।୯(ଡି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ା ଅନ୍ତର୍ଗତ ନ୍ୟୁ ହୋପ ସମ୍ମିଳନୀ ପ୍ରକୋଷ୍ଠରେ ମୁନିଗୁଡ଼ା ପୋଲିସ ଥାନା ତରଫରୁ ଯୁବଗୋଷ୍ଠୀଙ୍କୁ ନେଇ ସାମାଜିକ ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଥାନା ଆଇଆଇସି ଯଶୋବନ୍ତ ହିଆଳଙ୍କ ନେତୃତ୍ୱରେ ପରିଚାଳିତ ଶିବିରରେ ଶତାଧିକ ଯୁବ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । ଗଣମାଧ୍ୟମକୁ ବିଭ୍ରାନ୍ତିକର ତଥ୍ୟ ନ ଦେବା, ଅଚିହ୍ନା ବ୍ୟକ୍ତିବିଶେଷଙ୍କୁ ଏଟିଏମ କାର୍ଡ଼,ମୋବାଇଲ ନମ୍ବର ବା ଅନ୍ୟାନ୍ୟ ତଥ୍ୟ ହସ୍ତାନ୍ତର ନ କରିବା, ଆପରାଧିକ ତଥ୍ୟ ସମ୍ପର୍କରେ ତୁରନ୍ତ ପୋଲିସକୁ ଅବଗତ କରାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ମହିଳା ସବଇନ୍ସପେକ୍ଟର ଶ୍ୱେତପଦ୍ମା ସେଠ୍ ମହିଳାମାନଙ୍କ ସୁରକ୍ଷାରେ ଯୁବଗୋଷ୍ଠୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀଙ୍କ ସହ ରାଇଜଙ୍ଗ ଜୁନିୟର କଲେଜ ଅଧ୍ୟାପକ ଓ ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ସବଇନ୍ସପେକ୍ଟର ତରୁଣ କୁମାର ମହାଳିକ, ରଗାନ କିଣ୍ଡୋ ପରିଚାଳନାରେ ସହାୟତା କରିଥିଲେ ।



ଯୁବଗୋଷ୍ଠୀଙ୍କୁ ସଚେତନ କରାଯାଉଛି ।

## ଟିକିରିରେ ଟ୍ରାଫିକ ସମସ୍ୟା

ଟିକିରି,୨୮।୯ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିସ୍ଥିତ ମଖ୍ୟ ରାସ୍ତାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାସ୍ତା ପାର୍ଶ୍ୱରେ ମନଇଛା ଗାଡ଼ି ପାର୍କିଂ ଯୋଗୁ ଏହି ସମସ୍ୟା ଦେଖା ଦେଉଥିବା ଜଣାଯାଇଛି।। ଟିକିରିସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ଗୋକୁଳମୁଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ଯାନବାହନ ଭିଡ଼ ରହୁଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଟିକିରିରେ ବସଷ୍ଟାଣ୍ଡଟିଏ ନାହିଁ । ତେଣୁ ବସଗୁଡିକ ଜଗନ୍ନାଥ ମନ୍ଦିର ପାଖରେ ପାର୍କିଂ କରୁଥିବାରୁ ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥିସହିତ ଟିକିରିର ସମସ୍ତ ବସକୁ ଗୋକୁଳମୁଣ୍ଡା ପର୍ଯ୍ୟନ୍ତ ଚଳାଚଳ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଅଭିଭାବକ, ଶିକ୍ଷକ ସମ୍ମିଳନୀ

■ ଶିକ୍ଷକ ନିଯୁକ୍ତି ଦାବି

ଚନ୍ଦ୍ରପୁର,୨୮।୯(ଡି.ଏନ.ଏ)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ଗ୍ରାମ ମଙ୍ଗଳ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସ୍କୁଲ କମିଟି ସଭାପତି ହାଡିବନ୍ଧୁ ବ୍ରେକେବେଡ଼ା, ସମ୍ମାନିତ ଅତିଥି ବିଧାୟକ ପ୍ରତିନିଧି ଜାମି ଗୁରୁନାଥ, ସରପଞ୍ଚ କାଉମୁନି, ବରିଷ୍ଠ ଶିକ୍ଷକ, ପ୍ରେମାନନ୍ଦ ଲିମା, ଧନୁର୍ଜୟ ଦୋରା, ପ୍ରଦୀପ କୁମାର ଚୌଧୁରୀ, ପ୍ରତାପ ଜେନା, ମୀନ କେଡ୍ରେକା, ଦିଲୀପ କୁମାର ରଥ, ପ୍ରଧାନଶିକ୍ଷକ ଚକ୍ରପାଣି ରଥ୍ନାଲୁ ଯୋଗ ଦେଇଥିଲେ । ଏଥିରେ ଶିକ୍ଷକ ଓ ଅଭିଭାବକ ମଧରେ ସୁସମ୍ପର୍କ, ଛାତ୍ରୀଛାତ୍ରମାନଙ୍କ ନିୟମିତ ଉପସ୍ଥାନ, ବିଦ୍ୟାଳୟରେ ଶିକ୍ଷକମାନଙ୍କ ଦାୟିତ୍ୱ, ଘରକୁ ଗଲେ ଅଭିଭାବକମାନଙ୍କ ଦାୟିତ୍ୱ ସମ୍ପନ୍ନ, ପଠାଣି ସାମନ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ସହାୟତା ରାଶି, ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ମୋବାଇଲ ବ୍ୟବହାର ନ କରିବା ନେଇ ପ୍ରଧାନଶିକ୍ଷକ ଚକ୍ରପାଣି ରଥ୍ନାଲୁ କହିଥିଲେ। ଅଷ୍ଟମ, ନବମ, ଦଶମ ଶ୍ରେଣୀ ପାଇଁ ବିଦ୍ୟାଳୟରେ ବିଜ୍ଞାନ, ହିନ୍ଦୀ, ସଂସ୍କୃତ, ଖେଳ ଶିକ୍ଷକ ସହ କିରାଣିଟିଏ ମଧ ନାହାନ୍ତି । ଯାହା ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ତେଣୁ ତୁରନ୍ତ ଶିକ୍ଷକ ନିଯୁକ୍ତି କରିବାକୁ ଦାବି ହୋଇଥିଲା । ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ ।



ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ।



ଶୁଭଖୁଣ୍ଟି ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି ।

## ଗଜଲକ୍ଷ୍ମୀ ପୂଜା ନେଇ ଶୁଭଖୁଣ୍ଟି ସ୍ଥାପନ

ଗୁଣପୁର,୨୮।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଷ୍ଟେଶନ ରୋଡରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ କର୍ତ୍ତା ଭାବେ କମିଟି ସଭାପତି ରଘୁନନ୍ଦନ ଦାସ କାର୍ଯ୍ୟ ସଂପାଦନା କରିଥିବାବେଳେ ପୂଜକ ଭାବେ ଲୋକନାଥ ଷଡଙ୍ଗୀ ପୂଜା କାର୍ଯ୍ୟ କରିଥିଲେ । ଭଣ୍ଡାରି ଢେପ, ଆଇନ ଢେପ, ବେବର୍ତ୍ତା ଢେପ, ପାଲିଆ ଢେପ, ଷ୍ଟେଶନ ରୋଡ, ନେତାଜୀ ନଗରବାସିନ୍ଦାଙ୍କ ନେଇ ମିଳିତ ଭାବେ ପୂଜା କାର୍ଯ୍ୟ ଆୟୋଜନ କରାଯାଇଛି। ପୂଜା କମିଟିର ଦିଲିପ ବାଉରି, ରମେଶ ସାହୁ, କଣ୍ଡା ବେହେରା, ଗଣେଶ ସାହୁ, ସୀମାଞ୍ଚଳ ମଣ୍ଡଳ, ଜେ. ଶ୍ରୀନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଥର ସେହି ଅଞ୍ଚଳରେ ମା'ଙ୍କ ପୂଜା ଆୟୋଜନ କରାଯାଉଥିବାରୁ ସାହିବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି ।

## ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ

ମୁନିଗୁଡ଼ା,୨୮।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଦେଓକୁପୁଲୀ ଗ୍ରାମ ଆମ୍ବତୋଟା ପରିସରରେ ଶୁକ୍ରବାର ଜାତୀୟ କଂଗ୍ରେସ ଦଳର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଉମ୍ବରୁଧର ଶତପଥୀଙ୍କ ଆବାହକତ୍ୱରେ ଏବଂ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଚନ୍ଦ୍ରଶେଖର ବେହେରାଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି, ପୂର୍ବତନ ମନ୍ତ୍ରୀ ଉମ୍ବରୁଧର ଉଲ୍ଲାକା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ବିଜୟ କୁମାର ଗମାଙ୍ଗ, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଆପଲସ୍ୱାମୀ କାଡ୍ରାକା, ନରସିଂହ ବେହେରା, ଦକ୍ଷିଣ ଓଡ଼ିଶା ଯୁବ କଂଗ୍ରେସ ପ୍ରଭାରୀ ରିଆଜୁଲ ଆନସାରୀ, କୋରାପୁଟ ଲୋକସଭା ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଭବାନୀ ଶଙ୍କର ଜେନା, ଜିଲା କାର୍ଯ୍ୟକାରୀ ସଭାପତି ରଘୁନାଥ ପାତ୍ର, ଶଙ୍କର୍ଷଣ ମଙ୍ଗରାଜ, ଲମ୍ବୋଦର ପିଡିକା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦଳୀୟ କର୍ମୀମାନେ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ କରିବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପିସିସି ସମ୍ପାଦକ ନରସିଂହ ବେହେରା ଏବଂ ମଣ୍ଡଳ ସଭାପତି ଲମ୍ବୋଦର ପିଡିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବୈକୁଣ୍ଠ ବନଛର, ପଞ୍ଚାନନ କରକରିଆ, ପୀତାବାସ ପାତ୍ର, ଥିପେନ ଶବର, କେଶବ ସାହୁକାର, ଦୁର୍ଯ୍ୟୋଧନ ପିଡିକାକା, ଶ୍ରୀନିବାସ ରାଓ, ସତ୍ୟନାରାୟଣ ପଣ୍ଡିତ, ବଳଦେବ ଶତପଥୀ, ସରସ୍ୱତୀ ଶବର, ବିଜୟଲକ୍ଷ୍ମୀ ଶବର, ରାମଚନ୍ଦ୍ର ପିଡିକାକା, ନରହରି ପାତ୍ର, ଶତ୍ରୁ ପିଡିକାକା, ନୀଳକଣ୍ଠ ନାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ସମ୍ମିଳନୀରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିନିଧି ଯୋଗ ଦେଇଥିଲେ ।

### କଂଗ୍ରେସର କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଯୋଗ ଦେଇଥିବା କଂଗ୍ରେସ କର୍ମୀମାନେ ।

